ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ
ପତ୍ର ସଂଖ୍ୟା. ୪୪୪, /ସୂ.ଲୋ.ସଂ. ତା. ୧୮/୦୭/୨୦୧୯
e-mail- dkl.dipro@gmail.com
Tel. No.- (06762) 224414

# ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଢେଙ୍କାନାଳ, ତା. ୧୮.୦୭.୨୦୧୯- ଢେଙ୍କାନାଳ ଜିଲ୍ଲା ସଦର ମହକୁମାରେ ୭୩ତମ ସ୍ୱାଧୀନତା ଦିବସ-୨୦୧୯ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି ସ୍ୱାଧୀନତା ଦିବସ ଉତ୍ସବକୁ ସରସ-ସୁନ୍ଦର ଭାବେ ପାଳନ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ଏହି ଜାତୀୟ ଦିବସ ଅବସରରେ ପ୍ରତ୍ୟୁଷରୁ ରାମ୍‌ଧୁନ ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସକାଳେ ପ୍ରଭାତ ଫେରି କରାଯିବ । ସକାଳ ଘ. ୭.୩୦ମି. ସମୟରେ ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବାଣିଜ୍ୟ ପ୍ରତିଷ୍ଠାନ ଓ ଅନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ସକାଳ ଘ.୮.୩୦ମି. ସମୟରେ ମହାତ୍ମା ଗାନ୍ଧି, ମଧୁସୁଦନଙ୍କ ପ୍ରତିମୂର୍ତ୍ତି, ସହିଦ୍ ସ୍ତମ୍ଭ, ବାଜି ରାଉତ ସ୍ମୃତି ସ୍ତମ୍ଭ, ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି, ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, ସମେତ ଅନ୍ୟାନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ସ୍ୱାଧୀନତା ଦିବସର ମୁଖ୍ୟ ଅତିଥି ସକାଳ ଘ. ୯.୧୫ମି. ସମୟରେ ଢେଙ୍କାନାଳ ଷ୍ଟାଡ଼ିୟମ୍‌ଠାରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିବେ ଏବଂ କୃତୀ ଛାତ୍ରଛାତ୍ରୀ, ବ୍ୟକ୍ତି ବିଶେଷଙ୍କୁ ପୁରସ୍କାର ପ୍ରଦାନ କରିବେ ।

ସ୍ୱାଧୀନତା ଦିବସ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀ ମାନଙ୍କୁ ଚାମ୍ବର ଅଫ୍ କମର୍ସ ପକ୍ଷରୁ ରକ୍ତଦାନ ଶିବିର, ରୋଟାରୀ କ୍ଲବ୍ ଠାରେ ବୟୋଜ୍ୟେଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଗୋପବନ୍ଧୁ ଟାଉନ୍ ହଲ ଠାରେ କ୍ୱିଜ୍ ପ୍ରତିଯୋଗିତା, ଦେଶାତ୍ମବୋଧ କବିତା ଆବୃତି, ଜେଲର କଏଦୀମାନଙ୍କୁ ମିଷ୍ଟାନ ବଣ୍ଟନ କରାଯିବ । ଅକ୍ଷମ କଲ୍ୟାଣ ସମିତି ଦ୍ୱାରା ପରିଚାଳିତ ବଧିର ଓ ଦୃଷ୍ଟିହୀନ ବିଦ୍ୟାଳୟର ଅନ୍ତେବାସୀ ଛାତ୍ରଛାତ୍ରୀ ଏବଂ ଜରାଶ୍ରମ, ଅନାଥାଶ୍ରମ, ଜୀବନଜ୍ୟୋତି, ଆଦୃତା ଓ ବିଶ୍ୱକୁନ୍ତଳ ଶିଶୁଗୃହ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମିଷ୍ଟାନ ବଣ୍ଟନ କରାଯିବ । ଏହି ଅବସରରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖସ୍ଥ ରାସ୍ତା ପାର୍ଶ୍ୱ ଓ ସହରର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯିବାକୁ ବୈଠକରେ ସ୍ଥିର ହୋଇଛି । ଚଳିତ ବର୍ଷ ସ୍ୱର୍ଗତା କଳ୍ପନା ଦାଶଙ୍କ ସ୍ମୃତିରେ ଏକ ସାହସିକତା ପୁରସ୍କାର ପ୍ରଦାନ କରାଯିବା ନିମନ୍ତେ ଏକ କମିଟି ଗଠନ କରାଯାଇଛି ।

ନିକଟରେ ଶହୀଦ୍ ହୋଇଥିବା କାମାକ୍ଷାନଗର ନିକଟସ୍ଥ ବଡ଼ସୁଆଁଳ ଗ୍ରାମର ସ୍ୱର୍ଗତ ଅଜିତ୍ ସାହୁଙ୍କ ସ୍ମୃତିରେ ସଂବର୍ଦ୍ଧନା ଦିଆଯିବ ।

ଏହି ଜାତୀୟ ଦିବସ ଅବସରରେ ଢେଙ୍କାନାଳ ଷ୍ଟାଡ଼ିୟମ୍‌ଠାରେ ଅପରାହ୍ନ ୪ଘଣ୍ଟା ସମୟରେ ଏକ ଫୁଟ୍‌ବଲମ୍ୟାଚ୍ ଅନୁଷ୍ଠିତ ହେବ । ସନ୍ଧ୍ୟା ୭ଘଟିକା ସମୟରେ ଗୋପବନ୍ଧୁ ଟାଉନ୍ ହଲ୍ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା

(ଅ.ପୃ.ଦେ)

ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ । ସନ୍ଧ୍ୟାରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ବାଣିଜ୍ୟ ପ୍ରତିଷ୍ଠାନରେ ଆଲୋକ ସଜ୍ଜା କରାଯିବ ।

ସ୍ୱାଧୀନତା ଦିବସ ଉପଲକ୍ଷେ ତା. ୦୧.୦୮.୨୦୧୯ରିଖ ଦିନ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ଉଚ୍ଚ ବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟଠାରେ ଏବଂ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଢେଙ୍କାନାଳ ସୂଚାନା କେନ୍ଦ୍ର ଠାରେ ଅନୁଷ୍ଠିତ ହେବ । ପୁନଶ୍ଚ ତା.୦୨.୦୮.୨୦୧୯ରିଖ ଦିନ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ଉଚ୍ଚ ବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟଠାରେ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶାତ୍ମବୋଧ ସଂଗୀତ ପ୍ରତିଯୋଗିତା ସୂଚନା କେନ୍ଦ୍ରଠାରେ ଅନୁଷ୍ଠିତ ହେବ । ସେହିପରି ତା.୦୩.୦୮.୨୦୧୯ରିଖ ଦିନ ବିଦ୍ୟାଳୟ ସ୍ତରୀୟ ଗୋଷ୍ଠୀ ସଂଗୀତ ପ୍ରତିଯୋଗିତା ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟଠାରେ ଏବଂ ମହାବିଦ୍ୟାଳୟ ସ୍ତରୀୟ ଗୋଷ୍ଠୀସଂଗୀତ ପ୍ରତିଯୋଗିତା ସୂଚନା କେନ୍ଦ୍ରଠାରେ ଅନୁଷ୍ଠିତ ହେବ । ତା. ୦୫.୦୮.୨୦୧୯ରିଖ ଦିନ ଦିବ୍ୟାଙ୍ଗ (ଭିନ୍ନକ୍ଷମ) ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ଦେଶାତ୍ମବୋଧ ସଂଗୀତ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ସଂପୃକ୍ତ ବିଦ୍ୟାଳୟଠାରେ ଅନୁଷ୍ଠିତ ହେବ ।

ଢେଙ୍କାନାଳ ଷ୍ଟାଡ଼ିୟମ୍‌ଠାରେ ଅଗଷ୍ଟ ୧୧,୧୨ ଏବଂ ୧୩ ତାରିଖ ଦିନ ସକାଳ ୮ଘଟିକା ସମୟରେ ପ୍ୟାରେଡ୍ ପୂର୍ବାଭ୍ୟାସ କରାଯିବ ।

ଏହି ପ୍ରସ୍ତୁତି ବୈଠକରେ ଢେଙ୍କାନାଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ହରେକୃଷ୍ଣ ପ୍ରଧାନଙ୍କ ସମେତ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ପୋଲିସ୍ ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବିଭିନ୍ନ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଦେବା ସହ ୭୩ତମ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ । ଶେଷରେ ଜିଲ୍ଲାପାଳ ଶ୍ରୀ ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ସଭା ସାଙ୍ଗ କରିଥିଲେ ।

---

ଏହାର ନକଲ ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ହେମନ୍ତ କୁମାର ନାୟକ

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ,

ଢେଙ୍କାନାଳ